# ଶ୍ରୀକ୍ଷେତ୍ର ସିଟି

୨୦/୧୨/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୭୪,୪୦୧/- ସୁନା: ୦୨.୨୩୦ ଗ୍ରାମ୍ ରୁପା: ୩୬.୩୦୦ ଗ୍ରାମ୍





## ବଢ଼ିବ କି ମହାପ୍ରସାଦ ଦର ?

ପୁରୀ,୨୦।୧୨(ସମିସ): ବଢ଼ିପାରେ ମହାପ୍ରସାଦ ଦର। ଏ ନେଇ ସୁଆର ମହାସୁଆର ନିଯୋଗ ପକ୍ଷରୁ ଅବଢ଼ା ଦୋକାନୀଙ୍କୁ ନେଇ ପ୍ରାରମ୍ଭିକ ବୈଠକ ବସିଛି। ଦିନକୁ ଦିନ ସଉଦା, ପରିବା, ଜାଳେଣି କାଠର ମୂଲ୍ୟ ବୃଦ୍ଧି ଘଟୁଛି। ଏହାକୁ ନଜରରେ ରଖି ନିଯୋଗ ମହାପ୍ରସାଦର ଦରବୃଦ୍ଧି ନେଇ ପ୍ରକ୍ରିୟା ଆରମ୍ଭ କରିଛି। ଯଦିଓ ପ୍ରଶାସନିକସ୍ତରରେ ସେମିତି କୌଣସି ଦର ନିର୍ଦ୍ଧାରିତ ହୋଇନାହିଁ କିନ୍ତୁ ଆନନ୍ଦବଜାରରେ ଉପଲବ୍ଧ ଅବଢ଼ା ଦରବୃଦ୍ଧି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଅଧିକାଂଶ ଶ୍ରଦ୍ଧାଳୁ ମହାପ୍ରସାଦ ପାଇବାକୁ ଇଚ୍ଛା ରଖିଥା'ନ୍ତି। ସମ୍ପ୍ରତି ଜଣେ ଭକ୍ତକୁ ମହାପ୍ରସାଦ ପତ୍ରରେ ବାଢ଼ି ପରଷିଲେ ୧୦୦ ଟଙ୍କା ନେଉଛନ୍ତି ସୁଆର ସେବକ। ହେଲେ ସ୍ପେଶାଲ ମହପ୍ରସାଦ ଚାହିଦାକୁ ଦେଖି କମ୍ ବେଶି କରାଯାଏ। ଜଣେ ବରିଷ୍ଠ ସେବକ କହିଛନ୍ତି, ସବୁର ଦରଦାମ୍ ବଢ଼ିଲାଣି। ସେହି ଅନୁସାରେ ମହାପ୍ରସାଦରେ ଦର ବୃଦ୍ଧି ହୋଇନାହିଁ। ଏବେ ସାଧାରଣ ମହାପ୍ରସାଦ ପତ୍ର ମୁଣ୍ଡ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଥିଲେ ହେଁ ରାତି ହେଲେ ଆହୁରି କମ୍‌ରେ ଦିଆଯାଉଛି। ଅନ୍ୟପକ୍ଷରେ ଜାଳେଣି କାଠ ଦର ବଢ଼ିଲାଣି। ସଉଦା ଓ ପରିବାପତ୍ର ଦରବୃଦ୍ଧି ଘଟି ଚାଲିଛି। ତେଣୁ ଅବଢ଼ା ଦୋକାନୀମାନଙ୍କୁ ନେଇ ପ୍ରାରମ୍ଭ ଆଲୋଚନା ହୋଇଛି। ଆଗାମୀ ଦିନରେ ଏ ସଂକ୍ରାନ୍ତରେ ପୁଣି ଏକ ବୈଠକ ବସିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯିବ ବୋଲି ସମ୍ପୃକ୍ତ ସେବକ କହିଛନ୍ତି। ସୂଚନାଥାଉ କି, ଏବେ ଶ୍ରୀମନ୍ଦିର ଆନନ୍ଦ ବଜାରରେ ୮୫ ଅବଢ଼ା ଦୋକାନୀ ରହିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ମହାପ୍ରସାଦ ଦର ତାଲିକା ଲାଗିପାରିଲା ନାହିଁ। ସମ୍ଭବତଃ ଏହି ଦର ତାଲିକା ପ୍ରସ୍ତୁତ କରିବା ପାଇଁ ସୁଆର ମହାସୁଆର ନିଯୋଗଙ୍କ ପକ୍ଷରୁ ପ୍ରାରମ୍ଭିକ ପ୍ରକ୍ରିୟା ବୋଲି ଜଣାପଡ଼ିଛି।

## ସାମ୍ବାଦିକଙ୍କ ଜୀବନ ସୁରକ୍ଷା ଓ ବୀମା ବୃଦ୍ଧି ନେଇ ଆଲୋଚନା

ପୁରୀ,୨୦।୧୨(ସମିସ): ହରିଆଣା ଓ ପଞ୍ଜାବ ପରି ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଜୀବନ ସୁରକ୍ଷା ଓ ଜୀବନ ବୀମା ବୃଦ୍ଧି ନେଇ ଶନିବାର ପୁରୀ ସର୍କିଟ ହାଉସ୍‌ରେ ରାଜ୍ୟସଭା ସାଂସଦ ବାଲଯୋଗୀ ସନ୍ଥ ଉମେଶନାଥ ଓ ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ସହ ଆଲୋଚନା ହୋଇଛି। ନ୍ୟାସ୍‌ନାଲ ମିଡିଆ ଫାଉଣ୍ଡେସନ ନୂଆଦିଲ୍ଲୀ ଓଡ଼ିଶା ଚାପ୍ଟର ପକ୍ଷରୁ ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ସଭାପତି ରଶ୍ମୀରଞ୍ଜନ ଦାଶ, ଶରତ କୁମାର ବେହେରା, ଶ୍ୟାମାପ୍ରସାଦ ମିଶ୍ର, ରାଧାଶ୍ୟାମ ପଣ୍ଡା, ଡ. ବିଶ୍ୱନାଥ ମିଶ୍ର ଉଭୟ ସାଂସଦଙ୍କୁ ଭେଟି ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ସମସ୍ୟା ଉପରେ ବିଷଦ ଆଲୋଚନା କରିଥିଲେ। ଆଗାମୀ ଅଧିବେଶନରେ ଦୁଇ ସାଂସଦ ଏ ଦିଗରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଭାରତ ବର୍ଷର ସାମ୍ବାଦିକମାନଙ୍କ କଲ୍ୟାଣ ଉପରେ ପ୍ରସ୍ତାବ ରଖିବେ ବୋଲି କହିଛନ୍ତି।

# ବଡ଼ଶଙ୍ଖ ଉଠାଦୋକାନରେ ବୁଲିଲା ବୁଲ୍‌ଡୋଜର୍




- ବଡ଼ଦାଣ୍ଡକୁ ମାଡ଼ି ଆସିଥିବା ଫଳ ଦୋକାନ ଭାଙ୍ଗିଲା ପ୍ରଶାସନ
- ପୁଲିସ-ବ୍ୟବସାୟୀ ମୁହାଁମୁହିଁ; ରାସ୍ତାରେ ନିଆଁ ଜାଳି ଦୋକାନୀଙ୍କ ବିରୋଧ
- ବଡ଼ଶଙ୍ଖ ପରିବା ମାର୍କେଟ ସ୍ଥାନାନ୍ତର ହେବ: ପୌର କର୍ତ୍ତୃପକ୍ଷ

ପୁରୀ,୨୦।୧୨(ସମିସ): ପାଖେଇ ଆସିଲା ବଡ଼ଦିନ ଓ ନୂଆବର୍ଷ। ବିଶେଷକରି ପୁରୀରେ ନୂଆବର୍ଷ ପାଳନ ଲାଗି ହଜାର ହଜାର ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ଆକ୍ସନ ମୋଡ୍‌କୁ ଆସିଛି ପୌରସଂସ୍ଥା ଓ ପୁଲିସ। ତେବେ ଗାଡ଼ି ଚଳାଚଳ ଏବଂ ଭକ୍ତ ଓ ପର୍ଯ୍ୟଟକଙ୍କ ଯାତାୟାତରେ ଯେପରି କୌଣସି ସମସ୍ୟା ନ ହେବ ସେଥିଲାଗି ବଡ଼ଶଙ୍ଖ ପରିବା ମାର୍କେଟରେ ଥିବା ଉଠାଦୋକାନରେ ବୁଲିଛି ବୁଲ୍‌ଡୋଜର। ବିଶେଷକରି ପ୍ରଶାସନ ପକ୍ଷରୁ ଚିହ୍ନଟ ସ୍ଥାନର ଢେର୍ ଆଗକୁ ଅର୍ଥାତ୍ ବଡ଼ଦାଣ୍ଡକୁ ମାଡ଼ି ବ୍ୟବସାୟ କରୁଥିବା ଫଳ ଦୋକାନକୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦକୁ ନେଇ ଶନିବାର ବଡ଼ଶଙ୍ଖ ପରିବା ମାର୍କେଟରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ପୁଲିସ-ବ୍ୟବସାୟୀ ଏକପ୍ରକାର ମୁହାଁମୁହିଁ ହୋଇଥିଲେ। ବିନା ନୋଟିସ୍‌ରେ ଦୋକାନ ଭାଙ୍ଗିଦେବା ଅଭିଯୋଗ କରି ବ୍ୟବସାୟୀମାନେ ରାସ୍ତାରେ ନିଆଁ ଜାଳି ହୋ-ହଲ୍ଲା କରିଥିଲେ। ବଡ଼ଦିନ ଏବଂ ନୂଆବର୍ଷ ପାଇଁ ପୁରୀକୁ ବହୁ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଆସିବେ। ଏମିତି ବି ପ୍ରତିଦିନ ଉଠା ବ୍ୟବସାୟୀଙ୍କ ପାଇଁ ମେଡିକାଲ ଛକଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଜାମ୍ ହୋଇଥାଏ। ବିଶେଷକରି ବଡ଼ଶଙ୍ଖ ପରିବା ମାର୍କେଟରେ ଫଳ ବ୍ୟବସାୟୀ ରାସ୍ତା ଉପରକୁ ମାଡ଼ି ରହିଥିବାରୁ ସନ୍ଧ୍ୟା ସମୟରେ ଗାଡ଼ି ଚଳାଚଳ ଏକପ୍ରକାର ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରିଥାଏ। ରାସ୍ତା ଜାମ୍ ଯୋଗୁଁ ସହରବାସୀ ଏବଂ ଭକ୍ତ, ପର୍ଯ୍ୟଟକ ଯାତାୟାତ କରିବାକୁ ନାକେଦମ୍ ହୋଇଥା'ନ୍ତି। ଏହାକୁ ନଜରରେ ରଖି ପୂର୍ବରୁ ପୌରସଂସ୍ଥା ପକ୍ଷରୁ ବ୍ୟବସାୟୀଙ୍କୁ ଧଳା ଗାର ଭିତରେ ବସିବା ପାଇଁ କୁହାଯାଇଥିଲା। ହେଲେ ଏହାକୁ ବ୍ୟବସାୟୀମାନେ ଗ୍ରହଣ ନ କରିବାକୁ ଶନିବାର ଉଚ୍ଛେଦ କରାଗଲା ବୋଲି କହିଛନ୍ତି ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା।

ଶ୍ରୀ ବେହେରା କହିଛନ୍ତି, ଅନେକ ସମୟରେ ଉଠାଦୋକାନୀଙ୍କ ପାଇଁ ରାସ୍ତା ଜାମ୍ ହେଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ପୁରୀ ସହରବାସୀ ଦାବି କରିଆସୁଛନ୍ତି। ନିର୍ଦ୍ଦିଷ୍ଟ ସ୍ଥାନ ଭିତରେ ବ୍ୟବସାୟ କରିବା ଲାଗି ଉଠାଦୋକାନୀଙ୍କୁ ସୁଯୋଗ ଦିଆଯାଇଛି। କିନ୍ତୁ ସେମାନେ ଏହାକୁ ଉଲ୍ଲଂଘନ କରି ସମ୍ପୂର୍ଣ୍ଣ ବଡ଼ଦାଣ୍ଡକୁ କବ୍‌ଜା କରିବାକୁ ବସିଲେଣି। ସେଥିପାଇଁ ଶନିବାର ଉଚ୍ଛେଦ କରାଯାଉଛି। ଏଣିକି ନିୟମିତ ଏଭଳି ଉଚ୍ଛେଦ ହେବ। ବଡ଼ଶଙ୍ଖ ପରିବା ମାର୍କେଟ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଉଦ୍ୟମ କରୁଛୁ। ଏଥିପାଇଁ ଜାଗା ଦେଖା ଚାଲିଛି। ଜାଗା ଚିହ୍ନଟ ହେଲେ ସମସ୍ତଙ୍କୁ ସେଠାକୁ ସ୍ଥାନାନ୍ତର କରାଯିବ। ପୁରୀରେ ବର୍ତ୍ତମାନ ଯେଉଁଭଳି ଭାବେ ଭିଡ଼ ବଢ଼ିଲାଣି ଏହାକୁ ନିୟନ୍ତ୍ରଣ କରିବା ଅସମ୍ଭାଳ ହେଲାଣି। ହସ୍ପିଟାଲ ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଯେଉଁମାନେ ପରିବା, ଫଳ ଆଦି ବିକ୍ରି କରୁଛନ୍ତି ସେମାନେ ୫ ଫୁଟ୍‌ରେ ୫ ଜାଗାରେ ବସିବା କଥା। ଦୈନିକ ବସିବେ ଏବଂ ଉଠିକି ଯିବାର ନିୟମ ରହିଛି। କିନ୍ତୁ ଅଧିକାଂଶ ଗୋଦାମ ଭଳି କରି ରହୁଛନ୍ତି। ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ। ଏହିଭଳି କରିଥିବା ୧୦/୧୨ଟି ଫଳ ଦୋକାନକୁ ଭାଙ୍ଗି ଦିଆଯାଇଛି। ଯେକେହି ନିୟମ ନ ମାନିଲେ ଦୋକାନ ଭଙ୍ଗାଯାଇ ଜିନିଷପତ୍ର ଜବତ କରାଯିବ ବୋଲି କହିଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବେହେରା। ସେହିପରି ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ କହିଛନ୍ତି, ବଡ଼ଦାଣ୍ଡର ଏକ ପ୍ରମୁଖ ଜାଗା ହେଉଛି ବଡ଼ଶଙ୍ଖ। ଏହା ମଧ୍ୟ ଜତୀୟ ରାଜପଥ। ପୂର୍ବରୁ ଯେଉଁମାନେ ରାସ୍ତା ପାର୍ଶ୍ୱରେ ବସି ବିକ୍ରି କରୁଥିଲେ ସେତେବେଳେ ଯାତାୟାତରେ ଏତେଟା ଅସୁବିଧା ହେଉ ନ ଥିଲା। ଏବେ ଧୀରେ ଧୀରେ ଆଗକୁ ମାଡ଼ି ବସିବାରୁ ରାସ୍ତା ସଂକୁଚିତ ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କଲାଣି। ଯାନବାହନ ଏବଂ ସ୍ଥାନୀୟ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। ଆଗକୁ ବି ନୂଆବର୍ଷ ଆସୁଛି। ଏହାକୁ ଦୃଷ୍ଟିରେ ରଖି ଏହି ଜାଗାକୁ ମୁକ୍ତ ରଖିବା ପାଇଁ ପୁରୀ ପୌରସଂସ୍ଥା ଏବଂ ପୁଲିସ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

ଅନ୍ୟପକ୍ଷରେ ବିନା ନୋଟିସ୍‌ରେ ସେମାନଙ୍କ ଦୋକାନ ଭଙ୍ଗାଯାଇଛି। ଲକ୍ଷ ଲକ୍ଷ ଟଙ୍କାର ଫଳ ନଷ୍ଟ କରିଛି ପ୍ରଶାସନ। ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନ କଲେ ଆନ୍ଦୋଳନ ଜୋର୍‌ଦାର୍ କରାଯିବ ବୋଲି ଉଠା ବ୍ୟବସାୟୀମାନେ କହିବା ସହ ରାସ୍ତାରେ ନିଆଁ ଜାଳି ଅବରୋଧ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ବୁଝାସୁଝା କରାଯାଇଥିଲା।

## ବାଲ୍ୟ ବିବାହମୁକ୍ତ ଭାରତ କର୍ମଶାଳା

# ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି



ପୁରୀ, ୨୦।୧୨ (ସମିସ): ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି। ଏହା ନାବାଳିକାର ଶାରୀରିକ, ମାନସିକ ଓ ଆର୍ଥିକ ସ୍ଥିତିକୁ ନଷ୍ଟ କରିଦିଏ। ତେଣୁ ବାଲ୍ୟ ବିବାହକୁ ନା କହି ଏକ ସମୃଦ୍ଧ, ସୁସ୍ଥ ଓ ସୁରକ୍ଷିତ ଭାରତ ଗଠନରେ ଆମେ ସମସ୍ତେ ସାମିଲ୍ ହେବାକୁ ଆହ୍ୱାନ ଦେଇଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ଶନିବାର ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ଭାରତ ସମ୍ପର୍କରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଉପନିର୍ଦ୍ଦେଶକ ଶ୍ରୀ ସେଠୀ ବାଲ୍ୟ ବିବାହକୁ କେବଳ ସରକାର ବା ପ୍ରଶାସନ ରୋକିପାରିବ ନାହିଁ। ଏଥିପାଇଁ ଅନେକ ଆଇନ ରହିଛି। ତେବେ ବ୍ୟାପକ ସଚେତନତା ଦ୍ୱାରା ଏହାର ନିରାକରଣ ସମ୍ଭବ। ଏହାକୁ ରୋକିବା ଏକ ସାମୂହିକ ଦାୟିତ୍ୱ। ଏଥିରେ ଅଧିକାରୀଙ୍କଠାରୁ ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ, ସାଧାରଣ ଜନତା ସାମିଲ୍ ହେବା ଆବଶ୍ୟକ। ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ଏକ ୧୦୦ ଦିନିଆ ସଚେତନତା କାର୍ଯ୍ୟକ୍ରମ। ଚଳିତ ବର୍ଷ ନଭେମ୍ବର ୨୭ରୁ ୨୦୨୬ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ମାଧ୍ୟମରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ପଞ୍ଚାୟତ ପ୍ରତିନିଧି, ବିଭିନ୍ନ ଧାର୍ମିକସ୍ଥଳର ପୂଜକମାନଙ୍କୁ ସଚେତନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଏସ୍‌ସିଏସ୍ ଜୁନିୟର କଲେଜ ଅଧ୍ୟାପକ ନିରଞ୍ଜନ ନାୟକ, ସରକାରୀ ମହିଳା ମହାବିଦ୍ୟାଳୟର ପ୍ରଫେସର ଡ. ପ୍ରଦୀପ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହର କୁପରିଣତି, ଏହାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ସିଡିପିଓ, ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର ବାଲ୍ୟ ବିବାହ ସମ୍ପର୍କରେ ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ସମ୍ପର୍କରେ ମତ ରଖିଥିଲେ। ପ୍ରାରମ୍ଭରେ ସମସ୍ତଙ୍କୁ ବାଲ୍ୟ ବିବାହକୁ ପ୍ରତିହତ ପାଇଁ ଶପଥପାଠ କରାଯିବା ସହ ସଚେତନତା ପ୍ରଚାର ପତ୍ର ପ୍ରଦର୍ଶନ କରାଯାଇଥିଲା। ଏଥିରେ ଶିକ୍ଷା ବିଭାଗର ମହେନ୍ଦ୍ର ବିଶ୍ୱାଳ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ବାଲ୍ୟବତୀ ମହାନ୍ତି, ସିଡିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

● ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ମହାକୁମ୍ଭ

# ପୁରୀ ମହୋତ୍ସବ ଉଦ୍‌ଘାଟିତ




ପୁରୀ,୨୦।୧୨(ସମିସ): ପୁରୀ ବେଳାଭୂମିର ଶୀତୁଆ ସନ୍ଧ୍ୟାରେ ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ଉଦ୍‌ଘାଟିତ ହୋଇଛି ପୁରୀ ମହୋତ୍ସବ-୨୦୨୫। ଶ୍ରୀକ୍ଷେତ୍ରର କଳା, ସଂସ୍କୃତି, ଐତିହ୍ୟକୁ ନେଇ ଏହି ଦୁଇଦିନିଆ ମହୋତ୍ସବ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଉମେଶ ନାଥ ମହାରାଜ(ମଧ୍ୟପ୍ରଦେଶ), ଶୁଭାଶିଷ୍ ଖୁଣ୍ଟିଆ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅନୁଷ୍ଠାନର ସଭାପତି ବିନୋଦ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ଗୌରହରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀକ୍ଷେତ୍ର ମାଟିର କଳା, ସଂସ୍କୃତି ଓ ଐତିହ୍ୟ, ପରମ୍ପରାର ନିଖୁଣତା ବର୍ଷ ବର୍ଷ ଧରି ଦେଶ ଓ ବିଦେଶରେ ଆଦୃତ ହୋଇଆସିଛି। ପ୍ରତ୍ୟେକ ମଣିଷ ନିଜ ନିଜର ଆତ୍ମସମୀକ୍ଷା କରିବା ସହିତ ଜିଲ୍ଲା ପ୍ରତି ନିଜର ଯୋଗଦାନ ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି। ପୁରୀ ମହୋତ୍ସବ ଏକ ଉତ୍ସବ ନୁହେଁ, ବରଂ କଳା, ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାର ମହାକୁମ୍ଭ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶୀ, ମାହାରୀ, ଗୋଟିପୁଅ ସମେତ ଶ୍ରୀକ୍ଷେତ୍ର ସାହିଯାତ ଆଦି ପ୍ରଦର୍ଶିତ ହୋଇଥିଲା, ଯାହାକି ଦର୍ଶକମାନଙ୍କ ଦ୍ୱାରା ବେଶ୍ ପ୍ରଶଂସା ସାଉଣ୍ଟିଥିଲା। ଏଥିସହ କ୍ରୀଡ଼ାବିତ୍‌ମାନଙ୍କ ଦ୍ୱାରା ଟଗ୍ ଅଫ୍ ୱାର୍ ଖେଳ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର କାର୍ଯ୍ୟକର୍ତ୍ତା ଶିବିର ଉଦ୍‌ଘାଟିତ

ପୁରୀ,୨୦।୧୨(ସମିସ): ଶ୍ରୀଜଗନ୍ନାଥ ଗବେଷଣାର ପ୍ରତିଷ୍ଠାନର ଦୁଇଦିନିଆ କାର୍ଯ୍ୟକର୍ତ୍ତା ସଚେନତା ଶିବିର ଶନିବାର ଶରଧାବାଲିସ୍ଥିତ ରାଧାବଲ୍ଲଭ ମଠ ସତ୍‌ସଙ୍ଗ ସଭାଗୃହରେ ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ପ୍ରତିଷ୍ଠାନର କେନ୍ଦ୍ରୀୟ କାର୍ଯ୍ୟକାରୀ ସଭାପତି ରାମକୃଷ୍ଣ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ, କେନ୍ଦ୍ରୀୟ ସଭାପତି ସୁଦର୍ଶନ ନାୟକ, ସଂଗଠନ ସମ୍ପାଦକ ଡ. କରୁଣାକର ପ୍ରଧାନ ଉପସ୍ଥିତ ଥିଲେ। ମୋଟ୍ ୭ଟି ଅଧିବେଶନରେ ସତ୍ୟାନନ୍ଦ ଦାସ ମହାରାଜ, ଡ. ଭାସ୍କର ମିଶ୍ର, ଡ. ନରେଶ ଚନ୍ଦ୍ର ଦାଶ, ଡ. ଅସିତ୍ ମହାନ୍ତି, ଶରଣାରବିନ୍ଦ ଓଝା, ସୁଦର୍ଶନ ନାୟକ ଓ ଡ. ଗୌତମ ମହାରଣା ପ୍ରଶିକ୍ଷଣ ଦେଇଥିଲେ। ରବିବାର ଶିବିର ଉଦ୍‌ଯାପନ ହେବ। ଏଥିରେ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ମାଧବ ମହାପାତ୍ର, ହରେକୃଷ୍ଣ ପ୍ରତିହାରୀ, ସ୍ୱାମୀ ମାଧବାନନ୍ଦ ସରସ୍ୱତୀ, ଡ. କରୁଣାକର ପ୍ରଧାନ, ଡ. ଆଶୁତୋଷ ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିବେ। ହୋଟେଲ ହଲିଡେ' ରିସର୍ଟଠାରେ ସନ୍ଧ୍ୟାରେ ପ୍ରତିଷ୍ଠାନର ବାର୍ଷିକ ସାଧାରଣ ସଭା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଶ୍ରୀମନ୍ଦିରର ପୀଡ଼ିତ ସେବକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହିତ ଶ୍ରୀଜଗନ୍ନାଥ ଗବେଷକ, ପ୍ରଚାରକ, ସଂଗଠନ ଓ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଏଥିରେ ପୂଜ୍ୟ ଗଜପତି ମହାରାଜା ଦିବ୍ୟସିଂହ ଦେବ, ପ୍ରତିଷ୍ଠାନର ସଭାପତି ସଚ୍ଚିଦାନନ୍ଦ ଦାସ ବାବାଜୀ ଓ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେବେ ବୋଲି ସମ୍ପାଦକ ଶ୍ରୀ ଦାଶ ଜଣାଇଛନ୍ତି।

## ଭିନ୍ନକ୍ଷମ ପରିବାରକୁ ସହଯୋଗ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପୁରୀ,୨୦।୧୨(ସମିସ): ପୁରୀ ପୌରସଂସ୍ଥା ୧୨ ନମ୍ବର ୱାର୍ଡରେ ରହୁଥିବା ଶରତ ଚନ୍ଦ୍ର ବେହେରାଙ୍କ ୪ ଜଣିଆ ପରିବାର ବିଭିନ୍ନ ରୋଗରେ ପୀଡ଼ିତ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏହା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଦୃଷ୍ଟିକୁ ଆସିବା ପରେ ଜିଲ୍ଲାପାଳ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକ ଓ ମ୍ୟୁନିସିପାଲଟି ସିଓ ପ୍ରମୁଖ ଶରତଙ୍କ ଗୃହ ଅନୁଧ୍ୟାନ କରିଥିଲେ। ପ୍ରାୟ ୮୦ ବର୍ଷ ବୟସ୍କ ଶରତ ବୟସାଧିକ ରୋଗରେ, ୭୫ ବର୍ଷୀୟା ପତ୍ନୀ ପକ୍ଷାଘାତରେ, ୪୫ ବର୍ଷୀୟ ପୁତ୍ର ୬୦ ପ୍ରତିଶତ ଭିନ୍ନକ୍ଷମ ଯିଏ କି ଭିନ୍ନକ୍ଷମ ଭତ୍ତା ପାଉଛନ୍ତି ଓ ଅନ୍ୟ ଜଣେ ପୁତ୍ର ରୋଗାକ୍ରାନ୍ତ ଅଟନ୍ତି। ଅନ୍ୟ ତିନି ଜଣଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରସ୍ତୁତ ପାଇଁ ସିଡିଏମ୍‌ଓଙ୍କୁ ଅନୁରୋଧ କରାଯାଇଥିଲା। ସିଡିଏମ୍‌ଓ ସେମାନଙ୍କ ବାସଭବନକୁ ଏକ ଡାକ୍ତରୀ ଦଳ ପଠାଇଥିଲେ ଏବଂ ୟୁଡିଆଇଡି ପ୍ରମାଣପତ୍ର ପାଇଁ ପଦକ୍ଷେପ ନିଆଯାଇଥିଲା। ୟୁଡିଆଇଡି ପ୍ରମାଣପତ୍ର ହେବା ପରେ ସେମାନଙ୍କୁ ସେମାନଙ୍କ ଯୋଗ୍ୟତା ଅନୁସାରେ ବିଭିନ୍ନ ସରକାରୀ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ କହିଛନ୍ତି। ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ସମନ୍ୱୟ ବୈଠକରେ ଏସ୍‌ପିଙ୍କ ପରାମର୍ଶ

# ଅସହାୟ, ନିଃସହାୟଙ୍କ ପ୍ରତି ସମ୍ବେଦନଶୀଳ ହୁଅ



ପୁରୀ,୨୦।୧୨(ସମିସ): ଶ୍ରୀମନ୍ଦିର ପରିସର ଏବଂ ବଡ଼ଦାଣ୍ଡ ଅଞ୍ଚଳରେ ବୁଲୁଥିବା ନିରାଶ୍ରୟ, ଅସହାୟ ଓ ଭିକ୍ଷୁକମାନଙ୍କର କଲ୍ୟାଣ, ସୁରକ୍ଷା, ଉଦ୍ଧାର ଏବଂ ପୁନର୍ବାସ ସମ୍ପର୍କିତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶନିବାର ପୁରୀ ପୁଲିସ ମୁଖ୍ୟାଳୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ ଓ ସୌମ୍ୟ ରଞ୍ଜନ ମଲ୍ଲିକ, ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ାଙ୍କ ସମେତ ସହରର ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଓ ସମାଜସେବୀଙ୍କ ପ୍ରତିନିଧି ମଧ୍ୟ ଯୋଗଦେଇଥିଲେ। ବୈଠକରେ ମୁଖ୍ୟତଃ ଶ୍ରୀମନ୍ଦିର ଓ ବଡ଼ଦାଣ୍ଡ ଅଞ୍ଚଳରେ ଥିବା ଅସହାୟ ଓ ନିରାଶ୍ରୟ ବ୍ୟକ୍ତିଙ୍କ ପ୍ରତି ମାନବିକତା, ସମ୍ବେଦନଶୀଳତା ଆଭିମୁଖ୍ୟ ଗ୍ରହଣ କରି କାମ କରିବା ଉପରେ ଆଲୋଚନା କରାଯାଇଥିଲା। ଜୋର୍ ଜବରଦସ୍ତି ନ କରି ସେମାନଙ୍କୁ ସୁରକ୍ଷିତ ଭାବେ ସରକାରୀ ଓ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ସହଯୋଗରେ ପୁନର୍ବାସନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଏସ୍‌ପି ଶ୍ରୀ ସିଂ କହିଥିଲେ ଯେ, ପୁରୀ ହେଉଛି ଏକ ଅନ୍ତର୍ଜାତୀୟ ଧାର୍ମିକ ଓ ପର୍ଯ୍ୟଟନ କ୍ଷେତ୍ର। ଏଠାକୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ସୁରକ୍ଷା ସହିତ ସ୍ଥାନୀୟ ଅସହାୟ ଲୋକମାନଙ୍କ ମର୍ଯ୍ୟାଦା ଓ ମାନବାଧିକାର ସୁରକ୍ଷା କରିବା ସମସ୍ତଙ୍କର ମୁଖ୍ୟ ଦାୟିତ୍ୱ। ଏହି କାର୍ଯ୍ୟରେ ଡିଏସ୍‌ଏସ୍‌ଓ, ସ୍ୱେଚ୍ଛାସେବୀ ସଂସ୍ଥା ଓ ସମସ୍ତ ସମ୍ପୃକ୍ତ ବିଭାଗର ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଯେ, ଆସନ୍ତା ଦିନଗୁଡ଼ିକରେ ନିୟମିତ ଭାବେ ସମନ୍ୱିତ ଅଭିଯାନ ଚାଲିବ। ଯାହା ମାଧ୍ୟମରେ ନିରାଶ୍ରୟ ଓ ଅସହାୟ ବ୍ୟକ୍ତିମାନଙ୍କୁ ଆଶ୍ରୟଗୃହ, ଚିକିତ୍ସା ସୁବିଧା, ପରାମର୍ଶ ଓ ପୁନର୍ବାସନ ସୁବିଧା ମିଳିପାରିବ। ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଏକ ସୁରକ୍ଷିତ, ସୁସଂଗଠିତ ଓ ମାନବିକ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ରହିବ।


**EASTERN INVESTMENTS LIMITED**

CIN: L65993OR1927GOI034842

Regd. Office: Plot No:255, Pristine Green, Pokhariput, Bhubaneswar-751020

**Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | **(i) Basic:** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |
| | **(ii) Diluted** | **(0.56)** | **1.72** | **(2.00)** | **19.74** | **14.56** | **(121.71)** |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place:** Visakhapatnam
**Date:** 19th December' 2025

Sd/-
**(A.K.Bagchi)**
Managing Director-EIL

